ବାଲ୍ମିକୀ-ନିର୍ଦ୍ଦେଶେ ତାପସ ତାପସୀ
ଦ୍ୱିଗୁଣ ମୁଦରେ ଉପବନେ ପଶି,
ବିବିଧ କୁସୁମ ନବପଲ୍ଲବମାନ
ଆଣି କଲେ ମଞ୍ଜୁ-ମଣ୍ଡପ ନିର୍ମାଣ ।

ରଜନୀ ପ୍ରଥମ ପ୍ରହରେ ଆଶ୍ରମ
ପ୍ରଦୀପମାଳରେ ହେଲା ମନୋରମ,
ପ୍ରଦୀପେ ଐଙ୍ଗୁଦ ତଇଲ ପ୍ରଚୁର
ତାପସଙ୍କ କରୁ କରୁଥାନ୍ତି ଜୁର ।

ଚୌଦିଗେ ପୁଷ୍ପିତ ପାଦପ-ବଲ୍ଲରୀ
ହସୁଥାନ୍ତି ପାଇ ଆଲୋକଲହରୀ,
ଥିଲା ସେ ସମୟ ପ୍ରସୁନଙ୍କ ପର୍ବ
ବଢୁଥିଲା ଚକ୍ରବର୍ତ୍ତିନୀର ଗର୍ବ ।

ସାଗରସମୂହେ ଯଥା କ୍ଷୀରାର୍ଣ୍ଣବ
ବୃନ୍ଦାରକବୃନ୍ଦେ ଯେମନ୍ତ ବାସବ,
ଅବା ହିମାଚଳ ସମୁଚ୍ଚ ଶିଖର
ମଣ୍ଡଳେ ଯେମନ୍ତ ଗଉରୀଶଙ୍କର ।

ମୁନିବୃନ୍ଦ ମଧ୍ୟେ ମହା ତପୋଧନ
ବିଶୋଭିଲେ କରି ମଣ୍ଡପେ ଆସନ,
ଅଶ୍ୱିନୀକୁମାରେ ଛାୟା ସଂଜ୍ଞା ପରି
କୁମାରଯୁଗଳ କରପଦ୍ମେ ଧରି ।

ସତୀ ଅନୁକମ୍ପା ଆସିଲେ ମଣ୍ଡପେ
ଶୋଭା ତହିଁ ଉଭା ହୋଇଗଲା ଦର୍ପେ,
କୃଷ୍ଣ ତ୍ରୟୋଦଶୀ ସୁଧାକର ପାଶେ
ପ୍ରଭାତୀ ତାରକା ଉଦିତ ଆକାଶେ ।

ପ୍ରତିବିମ୍ବ ତାଙ୍କ ସରୋବର ଗର୍ଭେ
ଘେନି ପ୍ରାଚୀ ଯେହ୍ନେ ରହିଅଛି ଗର୍ବେ,
ସରଳହୃଦୟା ପ୍ରସନ୍ନବଦନା
ସତୀ ସହଚରୀ ତାପସ-ନନ୍ଦନା ।

ଶରୀର ଆବରି ସତୀ-ଦତ୍ତ ବାସେ
ସମ୍ମଦରେ ବସିଗଲେ ସତୀ ପାଶେ,
ଲଭି ଉଷାଦତ୍ତ ନବୀନ କିରଣ
ଉଷା ପାଶେ ଯଥା କମଳିନୀ-ବନ ।

ବେଦମତେ ହେଲା ଦେବ ଆରାଧନା
ବାଜିଗଲା ଶଙ୍ଖ ଶିଙ୍ଗାର ବାଜଣା,
ଜ୍ୟେଷ୍ଠ କୁମାରକୁ ଦେଇ ଶୁଭାଶିଷ
ପ୍ରସନ୍ନେ ବୋଇଲେ ମୁନିକୁଳାଧୀଶ ।

କୁଶାଗ୍ରେ ମାର୍ଜିତ ହୋଇଅଛି 'କୁଶ'
ନାମେ ହେବ ରିପୁ-କରୀନ୍ଦ୍ର-ଅଙ୍କୁଶ,
ସେ ରୂପେ କନିଷ୍ଠ କୁମାରକୁ 'ଲବ'
ନାମ ଦେଲେ ମୁନି ମନୀଷି ପୁଙ୍ଗବ ।

ମୁନିଗଣ କଲେ ରାମ-ନାମ ଧ୍ୱନି
ବଜାଇ ମୁରଜ ମନ୍ଦିରା ଖଞ୍ଜଣୀ,
ତାପସ-କୁମାରୀମାନେ ବାଇ ବୀଣା
ଗାଇଲେ ମଧୁରଗୀତି ସୁଧାଜିଣା ।

ସୁରଭି-ସ୍ୱରୂପୀ ଅମର ଅମରୀ
ନୃତ୍ୟ କଲେ ତହିଁ ପ୍ରମୋଦେ ସଞ୍ଚରି,
ଚଉଦିଗେ ଥାଇ ମୃଗ-ମୃଗୀଗଣ
ଚାହୁଁଥାନ୍ତି ହୋଇ ଚକିତନୟନ ।

ଆଶ୍ରମର ମହାଆନନ୍ଦ ଚହଳେ
ଯୋଗଦେଲା ବନ ପ୍ରତିଧ୍ୱନି-ଛଳେ
ସଙ୍ଗୀତେ ରତ ବା ତରୁଲତା ସର୍ବେ
ହେଲେ ବିଦ୍ୟାଧର ବିଦ୍ୟାଧରୀ ଗର୍ବେ ।

ଆଶ୍ରମ ଉଜ୍ଜ୍ୱଳ ହୋଇଗଲା ମୁଦେ
ତମ କିନ୍ତୁ ସତୀ ବଦନ-କୁମୁଦେ,
ରହିଗଲା ଏକା ରାମଚନ୍ଦ୍ର ବିନା
ପରବ ତାଙ୍କର ଅମାବାସ୍ୟା ସିନା !

